## ୩ ଚୋରା ମଦ ବେପାରୀ ଗିରଫ

ଯୋଡ଼ା,(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର ହନୁମାନ ହଟିଂ ନିକଟରୁ ପୋଲିସ ଚୋରା ବିଦେଶୀ ମଦ ଜବତ କରିବା ସହିତ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମୀନା ଗିରି, ପିଙ୍କି ବେହେରା ଓ ଲକବିନ୍ଦର ସିଂ। ଶନିବାର ରାତିରେ ଯୋଡା ଥାନା ଅଧିକାରୀ ରାଇସେନ ମୁର୍ମୁଙ୍କ ନେତୃତ୍ୱରେ ସବ୍ଇନ୍ସପେକ୍ଟର ଅନିଲ କୁମାର ସାମଲ, ସବ୍ଇନ୍ସପେକ୍ଟର ସୁସ୍ମିତା ହର ପ୍ରମୁଖ ସଦଳବଳ ଚଢ଼ାଉ କରି ମଦ ଜବତ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ. ୬୬/୨୦୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ସଂକ୍ଷେପରେ

## କେନ୍ଦୁଝରରେ ଖୋଲିବ କ୍ୟାନ୍ସର କେୟାର ବିଭାଗ

କେନ୍ଦୁଝର, ୨୫।୪ (ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ହେବ କ୍ୟାନସର କେୟାର ବିଭାଗ। ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜ ଓ ରିସର୍ଚ୍ଚ ହସ୍ପିଟାଲରେ ଏହି ବିଭାଗ ଖୋଲିବ ବୋଲି ଜିଲା ପ୍ରଶାସନ ଟୁଇଟ୍ କରି ଜଣାଇଛନ୍ତି । ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍ଏଫ୍) ଅର୍ଥରେ ଏହି ବିଭାଗ ଖୋଲିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ କରୋନା ମହାମାରୀ ସମୟରେ ଡିଏମଏଫ ପାଣ୍ଠି ଅର୍ଥରେ ନିର୍ମାଣ ହେଉଥିବା ଏହି ମେଡିକାଲ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ କ୍ୟାନସର ବିଭାଗ ନୂଆ ଖୋଲିବା ଘୋଷଣାକୁ ନେଇ ବିଭିନ୍ନ ମହଲରେ ଆଲୋଚ୍ୟର ବିଷୟ ହୋଇଛି ।

## କାନ୍ଥ ପଡ଼ି ଶିଶୁକନ୍ୟା ମୃତ

ପଦ୍ମପୁର, ୨୫।୪ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ସର୍ତ୍ତରପୁର ଗ୍ରାମରେ ରବିବାର ଅପରାହ୍ନରେ କାନ୍ଥ ପଡ଼ି ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହେମନ୍ତ ନାୟକଙ୍କ ଝିଅ ବନ୍ଦନା(୪)। ଅପରାହ୍ନରେ ବନ୍ଦନା ଗ୍ରାମ ରାସ୍ତା ଦେଇ ଯାଉଥିବା ବେଳେ ଜଣେ ବ୍ୟକ୍ତିଙ୍କ ଘର ଭଙ୍ଗାକାନ୍ଥଟି ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଲୁଟେରା ଗିରଫ

ରାଇରଙ୍ଗପୁର, ୨୫।୪ (ଡି.ଏନ.ଏ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ପୁରୁଣାପାଣି ଅଞ୍ଚଳରେ ଗତ ୩ଦିନ ତଳେ ଏକ ଗ୍ରୋସରି ଦୋକାନରୁ ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମର ଜଗତଜୀବନ ମହାନ୍ତ। ଏନେଇ ଥାନାରେ ଏକ ମାମଲା(ନଂ.୭୨/୨୧) ରୁଜୁ ହୋଇଛି ।

# କୋଭିଡ୍ ପରିଚାଳନା ତଦାରଖ କଲେ ଡିଜିପି

ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ ବାରିପଦା ଅଫିସ/ସାରସକଣା, ୨୫।୪

ପୋଲିସ ଡିଜି ଅଭୟ ରବିବାର ବାଲେଶ୍ୱର ଓ ଭଦ୍ରକ ଜିଲା ଗସ୍ତ କରି କୋଭିଡ୍ ପରିଚାଳନାରେ ପୋଲିସର ସମସ୍ତ କାର୍ଯ୍ୟକୁ ତଦାରଖ କରିଛନ୍ତି। ସେ ବାଲେଶ୍ୱର ପୂର୍ବାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ (ଆଇଜି) ଦିପ୍ତେଶ କୁମାର ପଟ୍ଟନାୟକଙ୍କ ଅଫିସ୍‌ରେ ପହଞ୍ଚିଥିଲେ। ତାଙ୍କ ସହ ଏଡିଜି (ଆଇନଶୃଙ୍ଖଳା) ଯଶୱନ୍ତ କୁମାର ଜେଠ୍ୱା ପହଞ୍ଚି ସରକାରଙ୍କ କୋଭିଡ୍ ନିୟମକୁ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲାରେ କିଭଳି ପାଳନ କରାଯାଉଛି ସେନେଇ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଓ ମୟୂରଭଞ୍ଜ ଏସ୍‌ପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସଙ୍କ ସହିତ ଆଲୋଚନା କରି ସ୍ଥିତିର ସମୀକ୍ଷା କରିଥିଲେ।

ଡିଜିପି ଅଭୟ କହିଥିଲେ, ଦୁଇ ଜିଲାରେ କୋଭିଡ୍ ମୁକାବିଲା ନେଇ ପୋଲିସ ଭଲ କାମ କରୁଛି। ଉଭୟ ଜିଲାରେ ଲୋକମାନେ ସହଯୋଗ କରୁଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଆଗକୁ କୋଭିଡ୍ କଟକଣାକୁ ଭଲ ଭାବେ ପାଳନ କରିବା ସହ ପୋଲିସ ଏବଂ ପ୍ରଶାସନକୁ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଡିଜି ଜେଠ୍ୱା କହିଥିଲେ, ବାଲେଶ୍ୱରରେ କୋଭିଡ୍ ମୁକାବିଲା ପାଇଁ ୭ ପ୍ଲାଟୁନ୍ ଫୋର୍ସ ଓ ମୟୂରଭଞ୍ଜରେ ୪ ପ୍ଲାଟୁନ୍ ଫୋର୍ସ ସହିତ ୨୭ ଅଫିସରଙ୍କୁ ନିୟୋଜିତ କରାଯାଇଛି। ବାଲେଶ୍ୱରର ଲକ୍ଷ୍ମଣନାଥ ଓ ଉଦୟପୁର ସହ ୨୮ଟି ପୋଷ୍ଟ, ମୟୂରଭଞ୍ଜର ଜାମୁଶୋଳା ଗେଟ୍ ଓ ଚକ ଶୁଳିଆପଦା ଗେଟ୍ ସମସ୍ତ ସୀମାନ୍ତ ରାସ୍ତାରେ ଚେକିଂକୁ ଜୋରଦାର କରାଯାଇଛି। ପଶ୍ଚିମବଙ୍ଗରୁ ଗଳାବାଟ ଦେଇ ପଳାଇଆସୁଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ମାସ୍କ ଓ ସାମାଜିକ ଦୂରତା ଅବଲମ୍ବନ ନ କଲେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରକାଶ କରିଛନ୍ତି।

ପରେ ଡିଜି ଅଭୟ ଭଦ୍ରକ ଗସ୍ତରେ ଆସି ଜିଲାରେ କୋଭିଡ୍ ସ୍ଥିତି ଓ ପୋଲିସର କାର୍ଯ୍ୟ ଉପରେ ଜିଲା ପୋଲିସ ମୁଖ୍ୟାଳୟରେ ସମୀକ୍ଷା କରିଛନ୍ତି। ବୈଠକରେ ଏଡିଜି ଜେଠୱା, ପୂର୍ବାଞ୍ଚଳ ଆଇଜି ପଟ୍ଟନାୟକ ଓ ଭଦ୍ରକ ଏସ୍‌ପି ଚରଣ ସିଂ ମିନାଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ କରୋନା ମୁକାବିଲାରେ ଭଦ୍ରକ ପୋଲିସ ଭଲ କାର୍ଯ୍ୟ କରିବା ସହ ଭଦ୍ରକ ଜନସାଧାରଣ ପୋଲିସ ଓ ପ୍ରଶାସନକୁ ସହଯୋଗ କରୁଥିବା ଡିଜିପି କହିଥିଲେ। ଏଡିଜି ଜେଠୱା କହିଥିଲେ, ଏହି ଜିଲାରେ ବିଭିନ୍ନ ସୀମାକୁ ଜଗିବା ପାଇଁ ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି।

■ ଗଳାବାଟ ଉପରେ କଡ଼ା ନଜର



ଖବରଦାତା ସମ୍ମିଳନୀରେ ଡିଜିପି ଅଭୟ।

# ସହରାଞ୍ଚଳରେ ଶଟ୍‌ଡାଉନ, ଗ୍ରାମାଞ୍ଚଳ ଚଳଚଞ୍ଚଳ

କେନ୍ଦୁଝର, ୨୫।୪ (ସ୍ୱ.ପ୍ର.)

ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନର ରବିବାର ଥିଲା ଦ୍ୱିତୀୟ ଦିନ। କେନ୍ଦୁଝର ଜିଲାର ସହରାଞ୍ଚଳରେ ଲୋକ ମାନେ ସଚେତନ ହୋଇ ପଦାକୁ ସ୍ୱତଃ ପ୍ରବୃତ୍ତ ହୋଇ ବାହାରୁ ନ ଥିବାରୁ ରାସ୍ତାଘାଟ ଓ ଦୋକାନ ବଜାର ବନ୍ଦ ଯୋଗୁ ଶୂନଶାନ ହୋଇପଡିଛି। କିନ୍ତୁ ସହରରେ ପୋଲିସ ମୁଖ୍ୟ ରାସ୍ତା ଜଗି ବସୁଥିବା ବେଳେ ଗ୍ରାମାଞ୍ଚଳରେ କଟକଣା ନ ଥିବାରୁ ବହୁ ଅମାନିଆ ଲୋକ ଗଳା ବାଟରେ ଯିବା ଆସିବା କରୁଥିଲେ। ଗ୍ରାମାଞ୍ଚଳରେ ଦୋକାନ ବଜାର ଓ ସାପ୍ତାହିକ ହାଟ ଆଦି ଖୋଲା ରହୁଥିବାରୁ ସହରାଞ୍ଚଳର ଲାକେ ଗଳା ବାଟରେ ଯାଇ ହାଟବଜାରରେ ବୁଲୁଥିବାରୁ କରୋନା ମହାମାରୀ ବ୍ୟାପିବା ଆଶଙ୍କା ରହୁଛି। ରବିବାର ଏଭଳି ସମସ୍ୟା ଝାଡବେଲଦା ହାଟରେ ଦେଖିବାକୁ ମିଳିଛି। ଏଣୁ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଲାଗୁ କରାଗଲେ ସରକାରଙ୍କ ଏଭଳି କଟକଣାର ସୁଫଳ ମିଳିପାରିବ ବୋଲି ମତ ପ୍ରକାଶ ପାଉଛି।

# କୋଇଲା ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

ଭଣ୍ଡାରିପୋଖରୀ,୨୫।୪ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟ ନିକଟରୁ ଶନିବାର ସ୍ଥାନୀୟ ପୋଲିସ ଏକ କୋଇଲା ବୋଝେଇ ଟ୍ରାକ୍ଟର ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାଳକ ସୌମ୍ୟ ରଞ୍ଜନ ସେନାପତି ଓ କୋଇଲା ନେଇ ଯାଉଥିବା ମାଲିକ ସଞ୍ଜୟ କୁମାର ମଲ୍ଲିକ। ଉକ୍ତ ଟ୍ରାକ୍ଟର କୋଇଲା ନେଇ ଯାଉଥିବା ବେଳେ ଆନିକଟଠାରେ ପୋଲିସ ଗାଡ଼ି ଯାଞ୍ଚ କରିଥିଲା। କୋଇଲା ସମ୍ପର୍କରେ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଟ୍ରାକ୍ଟରକୁ ଜବତ କରିଥିଲା। ଏ ନେଇ ଥାନାରେ ମାମଲା (ନଂ.୧୪୬/୨୧) ରୁଜୁ ହୋଇଛି। ସୂଚନା ଥାଉକି, ୧୬ ନଂ. ଜାତୀୟ ରାଜପଥର ଆଖୁଆପଦାଠାରୁ ଛତାବର ପର୍ଯ୍ୟନ୍ତ ଚୋରା କୋଇଲା ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏପରିକି ରାଜପଥରେ ଯାଉଥିବା କୋଇଲା ଗାଡ଼ିଗୁଡ଼ିକ ଏଠାରେ ପହଞ୍ଚି ବେପାରୀଙ୍କୁ କୋଇଲା ଦେଉଛନ୍ତି। ବେପାରୀମାନେ ସେମାନଙ୍କଠାରୁ କମ୍ ଦରରେ କୋଇଲା କିଣି ଗ୍ରାମାଞ୍ଚଳ ଇଟା ବେପାରୀଙ୍କୁ ବିକ୍ରି କରୁଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ୨ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ସଜନାଗଡ଼,୨୫।୪(ଡି.ଏନ.ଏ.)

ରାଜ୍ୟସରକାର ପ୍ରତି ଶନିବାର ଓ ରବିବାର ଶଟ୍‌ଡାଉନ୍ ଘୋଷଣା କରିଥିବା ବେଳେ ନାଇଟ୍ କର୍ଫ୍ୟୁ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ବିଳମ୍ବିତ ରାତିରେ ନୀଳଗିରି ଏନ୍ଏସି ଅନ୍ତର୍ଗତ ବାଲିଗୋହିରି ଠାରେ ଥିବା ଶନିଶ୍ଚର ମନ୍ଦିର ଓ ଘାଟଘରସାହିର ମା' ବୁଢ଼ୀ ବାସୁଳୀ ମନ୍ଦିରର ମୁଖ୍ୟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ସେହିପରି ଶନି ମନ୍ଦିରରୁ ଠାକୁରଙ୍କ ଦେହରୁ ସମସ୍ତ ଅଳଙ୍କାରମାନ ଖୋଲି ଏକ କପଡ଼ାରେ ୫ଟି ଚିତା, ଗୋଟିଏ ରୁପା ହାର, ୧୧,୮୬୫ ଟଙ୍କା ମନ୍ଦିର ପାର୍ଶ୍ୱରେ ରଖି ଦେଇଥିବାର ମନ୍ଦିରର ପୂଜକ ଦେଖିଥିଲେ। ଖବରପାଇ ନୀଳଗିରି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ତେବେ ପୋଲିସ ପାଟ୍ରୋଲିଂକୁ ଅଧିକ ଗୁରୁତ୍ୱ ଦେବାପାଇଁ ସାଧାରଣରେ ଦାବି ହେଉଛି।

# ସୀମାବର୍ତ୍ତୀ ରାସ୍ତା ସିଲ୍

ଚମ୍ପୁଆ ୨୫।୪(ଡି.ଏନ.ଏ)

କୋଭିଡ ସଂକ୍ରମଣ ବର୍ତ୍ତମାନ ସବୁବର୍ଗର ଲୋକଙ୍କୁ ଚିନ୍ତାରେ ପକାଇ ଦେଇଥିବା ବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ରୀତିମତ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଏଥିପାଇଁ ଚିନ୍ତା ବ୍ୟକ୍ତ କରିଥିବା ବେଳେ ବାହାର ରାଜ୍ୟରୁ ପ୍ରବାସୀଙ୍କ ପ୍ରବେଶ ଉପରେ କଟକଣା ସ୍ୱରୂପ ସୀମାନ୍ତ ତନଖିକୁ ତ୍ୱରାନ୍ୱିତ କରାଯାଇଛି। ବିଶେଷ ଭାବେ ପଶ୍ଚିମବଙ୍ଗ ଫେରନ୍ତା ଉପରେ କଟକଣାକୁ ଜୋର କରାଯାଇଛି। ଏହି ପରିପ୍ରେକ୍ଷୀରେ ଚମ୍ପୁଆର ବିଭିନ୍ନ ଗଳାବାଟକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ରବିବାର ଚମ୍ପୁଆ ଗୋଧୂଳି ଠାରୁ ଝାଡଖଣ୍ଡ ରାଜ୍ୟର ରାମତିର୍ଥକୁ ସଂଯୋଗ କରୁଥିବା ପୋଲ ନିକଟରେ ଉଭୟ ପଟୁ ଯାତାୟାତ ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ୫ଫୁଟର ରାସ୍ତା ଖୋଳାଯାଇ ସିଲ୍ କରାଯାଇଛି। ଘଟଣାସ୍ଥଳରେ ଚମ୍ପୁଆ ଆଇଆଇସି ବିଜୟକୃଷ୍ଣ ମହାପାତ୍ର, ନିର୍ବାହୀ ଅଧିକାରୀ ଗୌରହରି ମହାନ୍ତ ଓ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ରାସ୍ତା ସିଲ୍ କରିଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା ଦେଲେ କେନ୍ଦ୍ରମନ୍ତ୍ରୀ



ଅଗ୍ନିବିପନ୍ନଙ୍କ ଘରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ।

ସଜନାଗଡ଼, ୨୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ସୀମାନ୍ତ ଆମ୍ବଡିହା ଅଞ୍ଚଳ ହେନ୍ତସୁରା ଗାଁର ବିଜୟ ମଲ୍ଲିକ, ସୁଶାନ୍ତ ମଲ୍ଲିକ ଓ ଅରୁଣ ମଲ୍ଲିକଙ୍କ ପରିବାର ଶୁକ୍ରବାର ରାତିରେ ଶୋଇଥିବା ବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ସେମାନଙ୍କ ରୋଷେଇ ଘର ଭିତରେ ଥିବା ୫ଟି ଗ୍ୟାସ୍ ଟାଙ୍କି ଗୋଟେ ପରେ ଗୋଟେ ଫାଟିଯାଇଥିଲା। ଏହି ଭୟାବହ ଅଗ୍ନିକାଣ୍ଡରେ ଘରେ ଥିବା ବାଇକ୍, ଟଙ୍କା, ପଇସା, ଚାଉଳ, ଷ୍ଟାମ୍ପପେପର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ରବିବାର ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପହଞ୍ଚି କିଛି ଅତ୍ୟାବଶ୍ୟକ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇଦେବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୪ ପଞ୍ଚାୟତରେ ଖୋଲିଲା ସଙ୍ଗରୋଧ କେନ୍ଦ୍ର

ପଦ୍ମପୁର,୨୫।୪(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୪ ପଞ୍ଚାୟତ ଲକ୍ଷ୍ମୀଦାସପୁର, ଇରମ, ସୁଦର୍ଶନପୁର ଓ ବିଦେଇପୁରରେ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରକୁ ପୁନର୍ବାର ଚାଲୁ କରାଯାଇଛି। ପଶ୍ଚିମବଙ୍ଗ ଓ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀମାନଙ୍କୁ ସେଠାରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟ ପଞ୍ଚାୟତରେ ଥିବା ସଙ୍ଗରୋଧ କେନ୍ଦ୍ରକୁ ଖୋଲାଯିବ ବୋଲି ବିଡିଓ ପ୍ରଣବ କୁମାର ବେହେରା କହିଛନ୍ତି।

दिल्ली सरकार
आप की सरकार

ଦିଲ୍ଲୀ ସରକାର ଅକ୍ସିଜେନ୍ ପରିବହନ ପାଇଁ କ୍ରାୟୋଜେନିକ୍ ଟ୍ୟାଙ୍କର୍ସ ଆବଶ୍ୟକ କରୁଛନ୍ତି

ଦିଲ୍ଲୀରେ ଭାରି ମାତ୍ରାରେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି । ଯଦି ଆପଣ କିମ୍ବା ଆପଣଙ୍କ ସଂସ୍ଥା ନିକଟରେ ଅକ୍ସିଜେନ୍ ଓ ତାହାର ପରିବହନ ପାଇଁ ଟ୍ୟାଙ୍କର୍ସ ଉପଲବ୍ଧ ଅଛି, ତେବେ ଦିଲ୍ଲୀ ସରକାର ଆପଣଙ୍କର ସହଯୋଗ ଆବଶ୍ୟକ କରୁଛନ୍ତି । ଆପଣଙ୍କ ନିକଟରେ ଅକ୍ସିଜେନ୍ ପରିବହନ ପାଇଁ ଖାଲି କ୍ରାୟୋଜେନିକ୍ ଟ୍ୟାଙ୍କର୍ ରହିଥିଲେ ମଧ୍ୟ ଆମକୁ ସୂଚିତ କରନ୍ତୁ । ଏହାଦ୍ୱାରା ଅନ୍ୟ ସ୍ଥାନରୁ ଅକ୍ସିଜେନ୍ ଆଣିବାରେ ଆମକୁ ସହାୟତା ମିଳିବ । ଏହା ଏକ ଜରୁରିକାଳୀନ ଆବଶ୍ୟକତା ଅଟେ । ଦୟାକରି ଆମକୁ ସାହାଯ୍ୟ କରନ୍ତୁ । ଦିଲ୍ଲୀବାସୀ ସବୁଦିନ ପାଇଁ ଆପଣଙ୍କ ନିକଟରେ ଋଣୀ ରହିବେ ।

ଆପଣଙ୍କର ଏହି ସହଯୋଗ ଦ୍ୱାରା ଆମକୁ ହଜାର ହଜାର ଭାଇ ଭଉଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାରେ ସହାୟତା ମିଳିବ ।

ଯୋଗାଯୋଗ କରନ୍ତୁ-
ଶ୍ରୀ ଏସ୍.ଏମ୍. ଅଲୀ, ସ୍ୱତନ୍ତ୍ର ସଚିବ
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଦିଲ୍ଲୀ ସରକାର
Phone: 9871006453, 011-23392018
Email: specialsechealth@gmail.com

DIP/Shabdarth/D/0009/21-22

ସୂଚନା ଏବଂ ପ୍ରସାରଣ ନିର୍ଦ୍ଦେଶାଳୟ, ଜାତୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀ ସରକାର

ଧରିତ୍ରୀ
DHARITRI
ସୋମବାର, ୨୬ ଏପ୍ରିଲ ୨୦୨୧

## ବଦଳିଲା ହାଟ ସମୟ

ପଦ୍ମପୁର,(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତରେ ବସୁଥିବା ସାପ୍ତାହିକ ଦୁଇଟି ହାଟର ସମୟକୁ କୋଭିଡ୍ କଟକଣା ପାଇଁ ବଦଳାଇ ଦିଆଯାଇଛି। ଏହି ପଞ୍ଚାୟତ ଅଧୀନରେ ଦଧିବାମନପୁର ଓ ହତାଶିଆ ହାଟକୁ ସନ୍ଧ୍ୟା ପରିବର୍ତ୍ତେ ସକାଳ ୬ରୁ ୯ଟା ପର୍ଯ୍ୟନ୍ତ କୋଭିଡ୍ ନିୟମ ପାଳନ ପୂର୍ବକ ବସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରପଞ୍ଚ ଶାନ୍ତିଲତା ଦାସ କହିଛନ୍ତି।



**ସଂକ୍ଷେପରେ**

## ଚିକିତ୍ସା ଅଭାବରୁ ସଂକ୍ରମିତଙ୍କ ମୃତ୍ୟୁ ଅଭିଯୋଗ

ସାରସକଣା,୨୫।୪- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଝାରପୋଖରିଆ ଅଞ୍ଚଳର ଜଣେ କରୋନା ସଂକ୍ରମିତଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପଜିଟିଭ୍ ଚିହ୍ନଟ ହେବା ପରେ ସେ ହୋମ୍ ଆଇସୋଲେଶନରେ ଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ତାଙ୍କ ଚିକିତ୍ସା ବ୍ୟବସ୍ଥା କିଛି କରି ନ ଥିଲା। ଶନିବାର ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲର କୋଭିଡ୍ ସେଣ୍ଟରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରାତି ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ୪ ବଖରା ଜଳିଗଲା

ଖଇରା, ୨୫।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଗଳଗାଁ ଗ୍ରାମରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୨ପରିବାର ୪ ବଖରା ଜଳିଯାଇଛି । ସଞ୍ଜୟ ବେହେରା ଓ ମାନସୀ ବେହେରାଙ୍କର ୨ ବଖରା ଲେଖାଏଁ ବାସଗୃହ ପୋଡିଯାଇଛି। ଖଇରା ଦମକଳକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ମାନସ ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ୱାର୍ଡସଭ୍ୟ ବିଦ୍ୟାଧର ବେହେରାଙ୍କ ମାଧମରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଅଧାପକଙ୍କ ପରଲୋକ

**ବାସୁଦେବପୁର,୨୫।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ପଞ୍ଚୁରିଖି ଗ୍ରାମର ଅଧାପକ ଚକ୍ରଧର ମୁଦୁଲି(୫୨)ଙ୍କ ଶନିବାର ରାତିରେ ପରଲୋକ ଘଟିଛି। ସେ ଶନିବାର ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ପାଇଁ କଟକ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।



ପଞ୍ଚୁରିଖି ଗ୍ରାମରେ ଅନ୍ତିମ ସଂସ୍କାର କରାଯାଇଛି। ଚକ୍ରଧର କରଞ୍ଜଆଡ଼ିଆର ନବଘନ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧାପକ ଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ନବଘନ ମହାବିଦ୍ୟାଳୟର ଅଧାପକ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ବାସୁଦେବପୁର ଅଞ୍ଚଳବାସୀ ଶୋକବ୍ୟକ୍ତ କରିଛନ୍ତି।

## ଜୋରରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

**ବାସୁଦେବପୁର, ୨୫।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତର କାଳୀଦାସପୁର ଜୋରରୁ ରବିବାର ସକାଳେ ମାଳତି ଦାସ ନାମ୍ନୀ ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ସେ ଗତ ଶନିବାର ସନ୍ଧ୍ୟାରୁ ନିଖୋଜ ଥିଲେ। ରବିବାର କାଳୀଦାସପୁର ଜୋର ନିକଟରେ ମାଛଧରାଳିମାନେ ବସାଇଥିବା ଜାଲରେ ମାଳତିଙ୍କ ମୃତଦେହ ଲାଗିଥିଲା। ନାୟକାଣିଡିହୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

## ଜିସିଇରେ ହେବ କୋଭିଡ କେୟାର କେନ୍ଦ୍ର

କେନ୍ଦୁଝର, ୨୫।୪(ଡି.ଏନ୍.ଏ.): କେନ୍ଦୁଝର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ ଜାମୁନାଳିଆସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜକୁ ହାତକୁ ନିଆଯାଇ ସେଠାରେ ୭୫୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର କରାଯିବ। ଆଗାମୀ ୫ ଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ଡିପିଏମ୍ ଦିଲ୍ଲୀପ ଦୁବେ ସୂଚନା ଦେଇଛନ୍ତି।

## ଅନ୍ତରା ରଥ ରାଜାଙ୍କ ପରଲୋକ

**ଖଇରା, ୨୫।୪(ଡି.ଏନ.ଏ.):** ଆଗରପଡା ମହାବିଦ୍ୟାଳୟ ଅଧକ୍ଷ ତଥା ଅନ୍ତରା ରଥର ରାଜା ଭାବେ ଛେରାପହଁରା କରିଆସୁଥିବା ଜଗବନ୍ଧୁ ବାରିକ(୫୮)ଙ୍କର ଗତ ୨୩ତାରିଖରେ ପରଲୋକ ହୋଇଯାଇଛି। ସେ ମଧୁମେହ ଏବଂ ହୃଦ୍‌ରୋଗରେ ଆକ୍ରାନ୍ତ ହେବା ପରେ ୧୫ଦିନ ଧରି କଟକରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ସିମୁଳିଆ,ଖଇରା ଓ ଆଗରପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅମାନିଆଙ୍କ ଲାଗି ବଢୁଛି ସଂକ୍ରମଣ

**ଭୋଗରାଇ, ୨୫।୪(ଡି.ଏନ.ଏ.)**

**ଭୟଭୀତ ଅବସ୍ଥାରେ ଭୋଗରାଇବାସୀ**



ପଶ୍ଚିମବଙ୍ଗରେ କରୋନାର ନୂଆ ଷ୍ଟ୍ରେନ ଦେଖାଦେବା ପରେ ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ସ୍ୱାସ୍ଥ୍ୟବିଭାଗ, ପ୍ରଶାସନ, ସାମାଜିକ ଅନୁଷ୍ଠାନ ଏଥିପ୍ରତି ସତର୍କ ରହି ସଚେତନତା କରୁଥିବା ବେଳେ ଅମାନିଆଙ୍କ ପାଇଁ ଭୋଗରାଇ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। କାମଧନ୍ଦା ନ ପାଇ ଏହି ଅଞ୍ଚଳରୁ ପ୍ରାୟ ୨୦ହଜାର ବେକାର ଯୁବକ ବାହାର ରାଜ୍ୟକୁ ଦାଦାନ ଖଟିବାକୁ ଯାଇଥିଲେ। ଅନ୍ୟ ରାଜ୍ୟରେ କରୋନା ଭୂତାଣୁ କାୟା ବିସ୍ତାର କରୁଥିବାରୁ ପ୍ରବାସୀମାନେ ଏବେ ଘରମୁହାଁ ହୋଇଛନ୍ତି। ସେମାନଙ୍କୁ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଉଥିବା ବେଳେ କେତେକ ଅମାନିଆ ଘରୁ ବାହାରକୁ ବାହାରି ଚଲାବୁଲା କରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ହାଟବଜାରରେ ବିନା ମାସ୍କରେ ଗହଳି କରିବା ସହିତ ବିବାହ, ପୂଜା ଓ ଅନ୍ୟ ଉତ୍ସବରେ ଖୋଲମଖୋଲା ଭିଡ଼ କରୋନାକୁ ଆମନ୍ତ୍ରଣ କରୁଛି।

ଅପରପକ୍ଷରେ ପ୍ରବାସୀଙ୍କ ପାଇଁ ଭୋଗରାଇ ଉପାନ୍ତ ସାହାବାଜିପୁର ମହାବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳୀ, ବାଡ଼ସରିଷା ହାଇସ୍କୁଲ ଓ ସରସ୍ୱତୀପୁର ନୋଡ଼ାଲ ହାଇସ୍କୁଲରେ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ଭୋଗରାଇର ୩୬ଟି ରାସ୍ତା ପଶ୍ଚିମବଙ୍ଗକୁ ସଂଯୋଗ କରିଥିବା ବେଳେ ପୋଲିସ ପ୍ରଚଣ୍ଡ ଖରାରେ ୨୪ଘଣ୍ଟିଆ ପହରା ଦେଉଛି। କିନ୍ତୁ ଉଭୟ ରାଜ୍ୟର ସୀମାନ୍ତବାସୀ ଜରୁରୀ କାର୍ଯ୍ୟରେ କୌଶଳକ୍ରମେ ଗଳାବାଟ ଓ ଧାନଜମି ଦେଇ ଯାତାୟାତ କରୁଛନ୍ତି। ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ୧୫୧ ଜଣ କରୋନା ଭୂତାଣୁ ସଂକ୍ରମିତ ହୋଇଥିବା ବେଳେ ରବିବାର ଅପରାହ୍ନ ସୁଦ୍ଧା ଆଉ ୧୫ଜଣ ସଂକ୍ରମିତ ହୋଇଥିବା ଚିକିତ୍ସାଧିକାରୀ କମଳାକାନ୍ତ ଜେନା ସୂଚନା ଦେଇଛନ୍ତି। ଏଥିସହିତ ୫୦ ପଞ୍ଚାୟତରେ ସ୍ୱାସ୍ଥ୍ୟକର୍ମୀମାନେ ଗାଁ ଗାଁ ପରିକ୍ରମା କରି ପ୍ରବାସୀଙ୍କ ନିମନ୍ତେ ସଚେତନତା ବାର୍ତ୍ତା ବାଣ୍ଟୁଥିବା ଦୃଷ୍ଟିକୁ ଆସୁଛି। ଏଭଳି ସ୍ଥିତିରେ ଭୋଗରାଇରେ ୧ ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ସହ ଅନ୍ୟୁନ ୨୫ଟି କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲିବାକୁ କଂଗ୍ରେସ ନେତା ସତ୍ୟଶିବ ଦାସ, ଆଶିଷ କୁମାର ପାତ୍ର, ସନ୍ତୋଷ ଜେନା ପ୍ରମୁଖ ସରକାରଠାରେ ଦାବି କରିଛନ୍ତି।

## ମୟୂରଭଞ୍ଜରେ ସପ୍ତାହାନ୍ତ ଶଟ୍‌ଡାଉନ୍

**ବାରିପଦା,୨୫।୪**

ମୟୂରଭଞ୍ଜ ଜିଲାର ସଦର ମହକୁମା ବାରିପଦା ସମେତ କପ୍ତିପଦା, କରଞ୍ଜିଆ, ରାଇରଙ୍ଗପୁର ଓ ଉଦଳା ଆଦି ସ୍ଥାନମାନଙ୍କରେ ସପ୍ତାହାନ୍ତ ଶଟ୍‌ଡାଉନ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବାରିପଦା ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ବେଳେ ସୁରକ୍ଷା ଦାୟିତ୍ୱରେ ୨୫ ଅଧିକାରୀ ନିୟୋଜିତ ହୋଇଥିଲେ। ସହରର ବାଲେଶ୍ୱର ଗୋଲେଇ, ଷ୍ଟେଶନ ବଜାର, ପାଲବଣି, ୟୁନିଭରସିଟି ଛକ, ଦାରୋଗାଡ଼ାହି ଗୋଲେଇ, ସତ୍ୟସାଇ ଛକ, ମୁର୍ଗାବାଡ଼ି ଆଦି ପ୍ରମୁଖ ୧୦ଟି ସ୍ଥାନରେ ପୋଲିସ ଚେକ୍‌ପୋଷ୍ଟ କରାଯାଇ ଚେକିଂକୁ କଡ଼ାକଡ଼ି କରାଯାଇଥିଲା। ଏହି ସବୁ ସ୍ଥାନମାନଙ୍କରେ ବାରିପଦା ଏସ୍‌ଡିପିଓ କେ.କେ. ହରି ପ୍ରସାଦ ଓ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପାଟ୍ରୋଲିଂ କରି ସ୍ଥିତି ଯାଞ୍ଚ କରିଥିଲେ।

## ସଂକ୍ରମଣ ରୋକିବାକୁ ସଚେତନତା



ତେଲକୋଇ ସାପ୍ତାହିକ ହାଟରେ ବିନା ମାସ୍କରେ ଲୋକେ ବୁଲୁଛନ୍ତି।

**ତେଲକୋଇ, ୨୫।୪ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଉପାନ୍ତ ଅଞ୍ଚଳ ତେଲକୋଇ ବ୍ଲକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ସୁବବେଳେ ମାସ୍କ ପିନ୍ଧିବ ସହ, ଗହଳି ସ୍ଥାନରେ ସାମାଜିକ ଦୂରତା ରକ୍ଷା କରିବାକୁ କୁହାଯାଇଛି। ଏହି ଅଞ୍ଚଳରେ ପ୍ରତିଦିନ ସାପ୍ତାହିକ ହାଟ ହୋଇଥାଏ। ଏହି ହାଟରେ ଲୋକ ମାନଙ୍କ ଗହଳି ବଢୁଥିବା ନେଇ ସ୍ଥାନୀୟ ତହସିଲଦାର ଛାମୁଣ୍ଡା ହାଟ ଉପରେ କଟକଣା ଲଗେଇଥିଲେ। ସେହିପରି ଅନ୍ୟ ହାଟ ପାଇଁ ଏହି କଟକଣାକୁ ବଳବତ୍ତର ରଖିବା ନିଷ୍ପତ୍ତି ହୋଇଥିବା ତହସିଲଦାର ଏ.କେ ନାୟକ ପ୍ରକାଶ କରିଛନ୍ତି। ସେହିପରି ପୋଲିସ ଅଧିକାରୀ ଅମିତାଭ ଦାସ ଶନିବାର ସେଠାକୁ ଯାଇ ଅମାନିଆଙ୍କୁ ୧୦,୦୦୦ ଜରିମାନା କରିଛନ୍ତି।

## ଶଟ୍‌ଡାଉନରେ ଜରିମାନା ଆଦାୟ

**ଜଳେଶ୍ୱର, ୨୫।୪(ଡି.ଏନ.ଏ.)**

ମହାମାରୀ କରୋନାର ଦ୍ୱିତୀୟ ଲହର ତଥା ପଶ୍ଚିମବଙ୍ଗ ଷ୍ଟ୍ରେନ୍ ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାର ସପ୍ତାହର ଦୁଇଦିନ ଶଟ୍‌ଡାଉନ୍ ଲାଗୁ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ବାଦ୍ ଦେଲେ ବାଲେଶ୍ୱର ଜିଲା ଜଳେଶ୍ୱର ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ପୌରପରିଷଦ ଅଧିକାରୀ ଅଜୟ ମହାପାତ୍ର ଓ ପୋଲିସ୍ ସହରର ବିଭିନ୍ନ ସ୍ଥାନ ବୁଲି ଅମାନିଆଙ୍କୁ ସାବାଡ୍ କରିଛନ୍ତି। ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଓ ଆର୍‌ଆଇ ମାନସ ବେହେରା ସଦଳବଳେ ଚଢାଉ କରି କେତେକ ଦୋକାନରୁ ଜରିମାନା ଆଦାୟ କରିଛନ୍ତି। ଷ୍ଟେଶନ ବଜାରରେ ଏକ ଚା’ ଦୋକାନ ଓ ଏକ ମାଛ ଦୋକାନ ଖୋଲା ରହିଥିବାରୁ ପ୍ରତ୍ୟେକଙ୍କଠାରୁ ୫୦୦ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଛି।



ଚା’ ଦୋକାନରୁ ତହସିଲଦାର ଓ ଆର୍‌ଆଇ ଜରିମାନା ଆଦାୟ କରୁଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ରୂପ୍‌ସା, ୨୫।୪(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଗ୍ରାମର ଯୁବକ ଚୁନିଲାଲ ବେହେରା (୩୬) ଶନିବାର ରାତିରେ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ଚୁନିଲାଲ ଏପରି କରିଥିବା ଜଣାପଡିଛି। ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଓ ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ମୃତ ଚୁନିଲାଲ ଭ୍ୟାନ୍ ଡ୍ରାଇଭର ଭାବେ ରୋଜଗାର କରିପରିବାର ଚଳାଉଥିଲେ।

## ଯୁବକଙ୍କ ମୃତଦେହ ଜବତ

**ଯୋଡ଼ା,୨୫।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ସହରର ଯୁଗ୍ମ ଖଣି ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟ ନିକଟରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ମୃତକଙ୍କ ନାମ ଗୁରୁଚରଣ ମହାକୁଡ(୩୮)। ତାଙ୍କ ଘର ମୟୂରଭଞ୍ଜ ଜିଲା ସୁଲଗୁଡା ଗ୍ରାମରେ। ସେ ଯୋଡା ଭୂୟାଁ ବସ୍ତିରେ ରହୁଥିଲେ। ସେ ଜଣେ ସାଧାରଣ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କର ୪ ଦିନ ହେବ ମାନସିକସ୍ଥିତି ଭଲ ନ ଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ଆଇଆଇସି ରାଇସେନ ମୁର୍ମୁ ସୂଚନା ଦେଇଛନ୍ତି। ଏ ନେଇ ଯୋଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୧) ରୁଜୁ ହୋଇଛି।

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ବାଲିଆପାଳ, ୨୫।୪(ସ୍ୱ.ପ୍ର.)**

**ମହିଳାଙ୍କ ଆତ୍ମହତ୍ୟା**

ବାଲିଆପାଳ ଥାନା ଅଧୀନ ଖାଳଡ଼ିହା ଗ୍ରାମରେ ଶନିବାର ରାତିରେ ଜଣେ ମହିଳା ଶାଢ଼ିରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଖାଳଡ଼ିହା ଗ୍ରାମର ଅନୁସୂୟା ବେହେରା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀ ସରୋଜ ହରିୟାଣାରେ ଏକ ଘରୋଇ କମ୍ପାନୀରେ ଚାକିରି କରିଛନ୍ତି। ଘରେ ଦୁଇ ଝିଅ ଏବଂ ଶାଶୁଙ୍କ ସହିତ ରହୁଥିଲେ ଅନୁସୂୟା। ସରୋଜଙ୍କ ସାନଭାଇ ପରିବାରଠାରୁ ଅଲଗା ରହୁଛନ୍ତି। ବର୍ଷେ ପରେ ସରୋଜ ସୋମବାର ଘରକୁ ଆସିବାର ଥିଲା। ସ୍ୱାମୀ ଘରେ ପହଞ୍ଚିବା ପୂର୍ବରୁ ଶନିବାର ରାତିରେ ଅନୁସୂୟା ଆତ୍ମହତ୍ୟା କରିଥିଲେ। ରବିବାର ସକାଳେ ରୁମ୍‌ରେ ସାନଝିଅର କାନ୍ଦ ଶୁଣି ଘର ଲୋକେ କବାଟ ବାଡେଇଥିଲେ। କିଛି ଜବାବ ନ ମିଳିବାରୁ ଗ୍ରାମବାସୀ ପହଞ୍ଚି ଅନ୍ୟ ଏକ ଘର ଭିତର ଦେଇ ରୁମ୍‌ରେ ପଶି ଅନୁସୂୟାଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ସ୍ୱାମୀ ଘର ପକ୍ଷରୁ ଆତ୍ମହତ୍ୟା ନେଇ ଥାନାରେ ଜଣାଯାଇଥିବା ବେଳେ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି। ପୋଲିସ ତାଙ୍କ ଦିଅରଙ୍କୁ ଅଟକ ରଖି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

## ସ୍ଥିତି ଅନୁଧ୍ୟାନ କଲେ ଅଧିକାରୀ



ଆଗରପଡ଼ା ଅଞ୍ଚଳରେ କୋଭିଡ୍ ସ୍ଥିତି ଅନୁଧ୍ୟାନ ବେଳେ ଉପସ୍ଥିତ ଅଧିକାରୀ।

**ବନ୍ତ,୨୫।୪ (ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳରେ କରୋନା ସଂକ୍ରମଣ ଓ ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୩ ଦିନ ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗୋଷ୍ଠୀ ସଂକ୍ରମଣ ରୋକିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମେ ଆଗରପଡ଼ା ବଜାର ସମେତ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତଗୁଡ଼ିକୁ ରବିବାରଠାରୁ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ୩ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ଉଠାଇ ଦିଆଯାଇ କେବଳ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ଅତିରିକ୍ତ ଜିଲାପାଳ ମଧୁସୂଦନ ଦାଶ, ବିଡିଓ ରେବେକା ବିଲୁଙ୍ଗ ଓ ତହସିଲଦାର ଇନ୍ଦିରା ସାହୁ ଆଗରପଡ଼ା ଗସ୍ତ କରି ସାମ୍ପ୍ରତିକ ସଂକ୍ରମଣ, କୋଭିଡ୍ ନିୟମ କଡ଼ାକଡ଼ି ପାଳନ, କେସିଭିଏମ୍ କ୍ଲଷ୍ଟର ଅଧୀନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସଂକ୍ରମିତ ଓ ପ୍ରବାସୀ ଶ୍ରମିକଙ୍କ ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ସମସ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶଟ୍‌ଡାଉନ ପରିବର୍ତ୍ତେ ନିୟମ କଡ଼ାକଡ଼ି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଗରପଡ଼ା ଥାନାଧିକାରୀ ସୁକାନ୍ତି କେରେଇ, ବିଟିପୁର ସରପଞ୍ଚ ସତ୍ୟବାନ ଦାସ, ବଡ଼ମହିଷଗୋଠ ସରପଞ୍ଚ କ୍ରିଷ୍ଣା ମହାନ୍ତି, ପୁରୁଷଣ୍ଡ ସରପଞ୍ଚଙ୍କ ପ୍ରତିନିଧି କାର୍ତ୍ତିକ ଜେନା ଏବଂ ପିଇଓ ବୀରକିଶୋର ନାୟକ ଉପସ୍ଥିତ ଥିଲେ। ପରେ ଅଧିକାରୀମାନେ କାଦବରାଙ୍ଗ କ୍ଲଷ୍ଟରରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

## ବେତନଟୀ ବ୍ଲକରେ ଟିକାକରଣ ବନ୍ଦ

**ବୈଁଶିଙ୍ଗା,୨୫।୪(ଡି.ଏନ.ଏ.)**

ଟିକା ଅଭାବ ଯୋଗୁ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳରେ କୋଭିଡ୍ ଟିକାକରଣ କାର୍ଯ୍ୟ ଗତ ଗୁରୁବାରଠାରୁ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବେତନଟୀ ଓ ବୈଁଶିଙ୍ଗା ଡାକ୍ତରଖାନାଠାରେ ରବିବାର ବ୍ୟତୀତ ଅନ୍ୟ ଦିନମାନଙ୍କରେ ଟିକାକରଣ କାର୍ଯ୍ୟ ଚାଲୁ ରହିଥିଲା। ୨୪ଟି ପଞ୍ଚାୟତର ବାସିନ୍ଦାଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ମଧ ଏହା ଦ୍ୱାରା ସୁବିଧା ପାଇ ପାରୁଥିଲେ। ମାତ୍ର ଆବଶ୍ୟକ ପରିମାଣର ଟିକା ଯୋଗାଇ ଦିଆ ନ ଯିବାରୁ ୪ ଦିନ ହେଲା କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଛି।

ଶତାଧିକ ଜନ ସାଧାରଣ ଟିକା ନେବା ପାଇଁ ନିଜର ନାମ ପଞ୍ଜୀକରଣ କରି ଅପେକ୍ଷା କରିଥିବା ବେଳେ ଦୈନିକ ଡାକ୍ତରଖାନାକୁ ଯାଇ ଫେରୁଥିବା ଲକ୍ଷ୍ୟ କରାଯାଉଛି। ସୂଚନାଯୋଗ୍ୟ ଯେ, ଏହି ବ୍ଲକ ଅଞ୍ଚଳରେ ମହାମାରୀ ସଂକ୍ରମଣ ଏବେ ଉପରମୁହାଁ ସ୍ଥିତିରେ ରହିଛି। ଶନିବାର ଗୋଟିଏ ଦିନରେ ୧୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସୋମବାର ଯଦି ଆବଶ୍ୟକ ପରିମାଣର ଟିକା ପହଞ୍ଚିବ ତେବେ ଟିକାକରଣ ଆରମ୍ଭ ହେବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବି.ପି.ଏମ୍ ସସ୍ମିତା ଦାଶ କହିଛନ୍ତି।

# ପଶ୍ଚିମବଙ୍ଗ ପ୍ରବାସୀଙ୍କ ପାଇଁ ୪ ଟିଏମ୍‌ସି



ମହତୀପୁର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଡିଓ ପର୍ଶୁରାମ ପଣ୍ଡା ତଦାରଖ କରୁଛନ୍ତି।

**ଖଇରା, ୨୫।୪(ଡି.ଏନ.ଏ.)**

**ସଂକ୍ରମିତ, ପ୍ରବାସୀ ଶ୍ରମିକଙ୍କୁ ନଜର ରଖି ପଦକ୍ଷେପ ନେବାକୁ ନିର୍ଦ୍ଦେଶ**

ପଶ୍ଚିମବଙ୍ଗ ଫେରନ୍ତା ପ୍ରବାସୀଙ୍କ ପାଇଁ ବାଲେଶ୍ୱର ଜିଲା ଖଇରା ବ୍ଲକରେ କ୍ଲଷ୍ଟର ସ୍ତରରେ ୪ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି) ଖୋଲାଯିବ। ମହତୀପୁର ୟୁଜିୟୁପି, ତୁଡିଗଡିଆର ନୀଳାମ୍ବର ହାଇସ୍କୁଲ, ବର୍ଦ୍ଧନା ନୋଡାଲ ହାଇସ୍କୁଲ ଏବଂ ଅଡା ହାଇସ୍କୁଲ । ପ୍ରଥମ ପର୍ଯ୍ୟାୟରେ ମହତୀପୁର ୟୁଜିଏମ୍‌ଇ ସ୍କୁଲରେ ୫୦ଜଣଙ୍କ ପାଇଁ ରହିବା ବ୍ୟବସ୍ଥା କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ କେନ୍ଦ୍ରଗୁଡିକରେ ରହିବା ବ୍ୟବସ୍ଥା କରାଯିବ ବୋଲି ଖଇରା ବିଡିଓ ପର୍ଶୁରାମ ପଣ୍ଡା ସୂଚନା ଦେଇଛନ୍ତି । ମୋଟ ୨ଶହ ବେଡ୍ ପ୍ରସ୍ତୁତ ରହିବ । ଯଦି ପୁନଶ୍ଚ ଆବଶ୍ୟକ ପଡେ ତେବେ ଅଧିକ ଟିଏମ୍‌ସି ଖୋଲାଯିବ। ତେବେ ଜିଲାପାଳଙ୍କ ସହ ଭିଡିଓ କନଫରେନ୍ସ ପରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଚାର କରାଯିବ ବୋଲି ପଣ୍ଡା କହିଛନ୍ତି।

### ଫେରନ୍ତାଙ୍କୁ ନେଇ କୋକୁଆ ଭୟ

ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ଯେତେ ବିଳମ୍ବ ହେଉଛି ଗାଁ ଗାଁରେ ପଶ୍ଚିମବଙ୍ଗ ଫେରନ୍ତାଙ୍କ ସଂଖ୍ୟା ମଧ ସେହି ତୁଳନାରେ ବଢିଚାଲିଛି । ମହତୀପୁର ପଞ୍ଚାୟତର ଚକ ଓ ଫଗୁଣା ଭଳି ଗ୍ରାମକୁ ପଶ୍ଚିମବଙ୍ଗ ପ୍ରବାସୀମାନେ ଫେରିଥିବାରୁ ଏମାନଙ୍କୁ ନେଇ ଗ୍ରାମବାସୀଙ୍କ ମନରେ ଛନକା ପଶିଛି । ଟିଏମ୍‌ସି ନିର୍ମାଣରେ ବିଳମ୍ବ ଯୋଗୁ ସେମାନଙ୍କୁ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଆକଟ କରି କିଛି କହିପାରୁନାହାନ୍ତି। ଆସୁଥିବା ପ୍ରବାସୀମାନେ ମଧ ନିଜକୁ ସଙ୍ଗରୋଧରେ ରଖିବା ପରିବର୍ତ୍ତେ ବାହାରେ ବୁଲାବୁଲି କରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ୭ତାରିଖରୁ ଆଜି ପର୍ଯ୍ୟନ୍ତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଥିବା ପରୀକ୍ଷାରୁ ପାଖାପାଖି ୨ଶହ ପଜିଟିଭ ଚିହ୍ନଟ ହେଲେଣି।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପାଇଁ ୮୦ ପଞ୍ଚାୟତ ଚୟନ

**ବାଲେଶ୍ୱର ଅଫିସ,୨୫।୪**

ବାଲେଶ୍ୱର ଜିଲାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୮୦ ପଞ୍ଚାୟତକୁ ଚୟନ କରାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳର ଘରେ ଘରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ବା କମ୍ପୋଷ୍ଟ ପିଟ୍ ନିର୍ମାଣ ହେବ। ଏହାସହିତ ଭୂତଳ ଜଳ ସଂରକ୍ଷଣ ପାଇଁ ସୋକ୍-ପିଟ୍ ମଧ ନିର୍ମାଣ ହେବ। ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସରକାର ଗୁରୁତ୍ୱ ଦେଇ ଏହି ଦୁଇଟି ପ୍ରକଳ୍ପ ପାଇଁ ସର୍ଭେ ଆରମ୍ଭ ହୋଇଥିବା ଜିଲା ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଏହି ପ୍ରକଳ୍ପ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ଜିଲାର ପ୍ରାୟ ୩,୭୦,୮୨୪ ଜବ୍‌କାର୍ଡଧାରୀ ଉପକୃତ ହେବେ। ଘରୁ ବାହାରୁଥିବା ଅଳିଆ ଆବର୍ଜନା ଏହି କମ୍ପୋଷ୍ଟ ପିଟ୍‌ରେ ପକାଇ ଏହାକୁ ଖତ ଭାବେ ବ୍ୟବହାର କରିପାରିବେ। ଯେଉଁ ଅଞ୍ଚଳରେ ଜଳସ୍ତର ଜମି ଯାଉଥିବ ସେଠାରେ ଏହାକୁ ଦୃଷ୍ଟିରେ ରଖି ସୋକ୍-ପିଟ୍ ନିର୍ମାଣ କରାଯିବ। ଘର ଯେତିକି ଅବ୍ୟବହୃତ ପାଣି ଅନ୍ୟ ସ୍ଥାନକୁ ନ ପକାଇ ଏହି ପିଟ୍‌ରେ ଢାଳିଲେ ଏହା ଭୂତଳରେ ସିଧାସଳଖ ଯାଇ ମିଶିବ। କମ୍ପୋଷ୍ଟ ପିଟ୍ ପାଇଁ ୨୦୭୭ ଟଙ୍କା ମୂଲ୍ୟ ଧାର୍ଯ୍ୟ ରହିଥିବା ବେଳେ ସୋକ୍-ପିଟ୍ ପାଇଁ ୯୮୭ ଟଙ୍କା ମୂଲ୍ୟଧାର୍ଯ୍ୟ ରହିଛି। ଯଦି ଜବ୍‌କାର୍ଡଧାରୀ ଏହି ପ୍ରକଳ୍ପ କରିବା ପାଇଁ ରାଜି ନ ହୁଅନ୍ତି ତେବେ ୪୦/୫୦ ଜବ୍‌କାର୍ଡଧାରୀଙ୍କୁ ମିଳିତ ଭାବେ ଏହି ପ୍ରକଳ୍ପ କରିବାର ବ୍ୟବସ୍ଥା କରାଯାଇଛି। ଏହାକୁ ଛାଡ଼ି ଗ୍ରାମର ଅନ୍ୟ ଲୋକଙ୍କ ପାଇଁ ସାମୂହିକ ଭାବେ ଏକ କମ୍ୟୁନିଟି କମ୍ପୋଷ୍ଟ ପିଟ୍ ସେଣ୍ଟର ନିର୍ମାଣ କରାଯିବ। ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ଏହାର ବ୍ୟୟ ଅଟକଳ କରାଯିବ। ଗ୍ରାମବାସୀ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପକାଇପାରିବେ। ଏଥିରୁ ତିଆରି ଖତକୁ ବିଭିନ୍ନ କାର୍ଯ୍ୟରେ ଲୋକେ ବ୍ୟବହାର କରିବେ। ଏହାର ପରିଚାଳନା ପାଇଁ ଏକ ୟୁଜର ଗ୍ରୁପ୍ ଗଠନ କରାଯିବ। ୨୦୨୪ ଭିତରେ ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜବ୍‌କାର୍ଡଧାରୀଙ୍କୁ ଏହି ସୁବିଧା ମିଳିବା ସହିତ ଅନ୍ୟ ଲୋକଙ୍କ ପାଇଁ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବ।

## ନିୟମ ଉଲ୍ଲଂଘନ: ୩ କୋଲକାତା ଫେରନ୍ତାଙ୍କ ନାଁରେ ଏତଲା

**ଭଦ୍ରକ ଅଫିସ, ୨୫।୪**

ଭଦ୍ରକ ପୌରପାଳିକା ପକ୍ଷରୁ ଶନିବାର କୋଲକାତାରୁ ଫେରିଥିବା ୩ ଜଣଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି। ସରକାରୀ ନିୟମ ଅନୁସାରେ କୋଲକାତା ଫେରନ୍ତାମାନେ ବାଧ୍ୟତାମୂଳକ କ୍ୱାରେଣ୍ଟାଇନରେ ରହିବେ। ହେଲେ ଏହି ୩ ବ୍ୟକ୍ତି ସରକାରୀ ନିୟମ ଉଲ୍ଲଂଘନ କରି ନିଜ ଘରକୁ ପଳାଇଯାଇଥିଲେ। ଏଣୁ ଆଇନଗତ ଭାବେ ସେମାନଙ୍କ ବିରୋଧରେ ପୌରପାଳିକା ପକ୍ଷରୁ ଟାଉନ ଥାନା ଓ ପୁରୁଣାବଜାର ଥାନାରେ ଏତଲା ଦାଏର କରାଯାଇଛି। ସେମାନେ ହେଲେ ପୁରୁଣାବଜାର ଅଞ୍ଚଳର ଜାମିଲ ଖାନ୍, କୁଆଁସର ଆଶିଷ ମହାପାତ୍ର ଓ ଜାନୁଗଞ୍ଜ ବାଗୁରାଇ ଅଞ୍ଚଳର ଶ୍ୟାମସୁନ୍ଦର ଗୋଚ୍ଛାୟତ। ସେମାନଙ୍କ ବିରୋଧରେ ଟାଉନ ଥାନାରେ ମାମଲା (ନଂ. ୧୭୮/୨୧) ରୁଜୁ ହୋଇଛି।

